# Akashvani, Sambalpur

## SAMBALPURI NEWS EVENING BULLETIN

## 18 February 2025- 7.02 pm- 7.12 pm.

**********************************************

୧- ଆନ୍ତଃରାଜ୍ୟ ନଦୀ ଜଳ ପରିଚାଳନା ଲାଗି ରାଜ୍ୟମାନେ ମିଶିକରି କାମ୍ କର୍‌ବାର୍‌କେ ପଡ୍‌ବା - କହେଲେ ମୁଖ୍ୟମନ୍ତ୍ରୀ ।

୨- ଇ ବଛର୍ ଖରିଫ୍ ଋତୁଥି ଇହାଦେତକ୍ ଠୋଲ୍ ହେଇଛେ ୬୧ ଲାଖ୍ ୭୭ ହଜାର୍ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା ଧାନ୍ ।

୩- ରାଏଜେ ଆଏଜ୍‌ଠାନୁ ମୁଲ୍ ହେଲା ଯୁକ୍ତଦୁଇ ପରୀକ୍ଷା ।

ଆଉର୍

୪- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ପ୍ରୋ ଲିଗ୍ ପୁରୁଷ ବର୍ଗଥି ଭାରତ୍ ଆର୍ ଜର୍ମାନୀ ଭିତ୍‌ରେ ଆଉ କିଛି ସମିଆ ଉତ୍‌ରୁ ହେବା ମେଚ୍ ।

ମୁଖ୍ୟମନ୍ତ୍ରୀ-ଜଳସମ୍ପଦ୍ ମନ୍ତ୍ରୀ ସମ୍ମିଳନୀ ସିଏମ୍ଓ

ଆନ୍ତଃରାଜ୍ୟ ନଦୀ ଜଲ୍ ପରିଚାଲ୍ନା ଲାଗି ରାଜ୍ୟମାନେ ମିଶିକରି କାମ୍ କର୍ବାର୍କେ ପଡ଼ବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ରାଜସ୍ଥାନର ଉଦୟପୁରଠାନେ ଆଏଜ୍ ମୁଲ୍ ହେଇଥିବା ୨ ନମ୍ବର ସର୍ବଭାରତୀୟ ଜଲସମ୍ପଦ୍ ମନ୍ତ୍ରୀ ସମ୍ମିଳନୀ-୨୦୨୫ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶୀ ମାଝୀ କହିଛନ୍, ଜଲ୍ ପରିଚାଲ୍ନା କ୍ଷେତ୍ରର୍ ଆହ୍ୱାନ୍ କେନ୍ସି ଗୁଟେ ରାଜ୍ୟ ନ ସୀମିତ ହେଇକରି ନାହିଁ ରହି । ଇଥିର୍ଲାଗି ରାଜ୍ୟମାନେ ମିଶିକରି ଯୋଜ୍ନା ତିଆର୍ କର୍ବାର୍କେ ପଡ଼ବା । ଜଲବାୟୁ ପରିବର୍ତନ ଆଉ ଅନିୟମିତ୍ ବର୍ଷା ଓଡ଼ିଶାର ଚାଷ୍ବାସ୍କେ ବହୁତ୍ଟେ ନୁକ୍ସାନ୍ ପୁହୁଁଚଉଛେ । ଫିର୍ଭି ୨୦୩୬ ମସିହା ବେଲ୍କେ ରାଜ୍ୟର୍ ଶହେ ବଛର୍ ପୂର୍ତି ଉଛବ୍ ପାଲନ୍ କର୍ବାର୍ ସହେତେ ଗୁଟେ ଜଲ ସମ୍ପଦ ଭର୍ପୁର ରାଜ୍ୟ ହେଇପାର୍ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଓଡ଼ିଶା ସରକାର ଭିନ୍ ଭିନ୍ ପ୍ରକଳ୍ପ ଜରିଏ ଆଉ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର୍ ସାହାଜ୍ଥି ବନ୍ୟା ନିୟନ୍ତ୍ରଣ ଆଉ ପାନିର୍ ସୁରକ୍ଷା ଦିଗେ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହେବାର୍ ସହେତେ ଜଲ ପରିଚାଲନା ଆର୍ ସୁରକ୍ଷା ଲାଗି ରାଜ୍ୟନ ଚାଲିଥିବା ଭିନ୍ ଭିନ୍ ଯୋଜନା ଆର୍ କାର୍ଯ୍ୟକ୍ରମ୍ ବାବ୍ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତଥ୍ୟ ରଖିଛନ୍ ।

ଧାନ ଘିନା ବ୍ୟବସ୍ଥା-ବିଧାନ୍‌ସଭା        ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଧାନ ଘିନା ବ୍ୟବସ୍ଥାକେ ଶୃଙ୍ଖଲିତ୍ କର୍‌ବାର୍ ଲାଗି ସରକାର କଡ଼ା ପଦକ୍ଷେପ୍ ନଉଛନ୍ ଆଉ ଯେନ୍‌ମାନେ ଅନିୟମିତତା କରୁଛନ୍ ସେମାନଙ୍କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନସଭା ନ ଆଏଜ୍ ବିରୋଧୀ ଦଲର୍ ମୁଲତବୀ ପ୍ରସ୍ତାବ ଆଲୋଚନାଥି ଉତର ରଖିକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଏବ୍‌ତକ୍ ରାଏଜେ ୬୧ ଲାଖ୍ ୭୭ ହଜାର ୪ ଶହ ୮୮ ମେଟ୍ରିକ୍ ଟନ୍ ଖରିଫ୍ ଧାନ ଘିନା ହେଇଛେ । ବେଆଇନ୍ ହିସାବେ ଧାନ୍ ଘିନୁଥିବା ବେଲେ ୬ ଝନ୍ ଅଧିକାରୀଙ୍କୁ ବହିଷ୍କାର କରାଯାଇଛେ । ୯ ଝନ୍ ମିଲରଙ୍କ ଉପ୍‌ରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ବେଲେ ୮ଟା ବେଆଇନ ଗାଡ଼ି ଭିଲ୍ ଜବତ୍ କରାଯାଇଛେ । ସେନ୍ତା ୨୬ଟା ମିଲ୍ ମାଲିକଙ୍କୁ କଳା ତାଲିକାଭୁକ୍ତ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ପାନୀୟ ଜଲ-ବିଧାନ୍‌ସଭା    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ୪୬ ହଜାର ୫ ଶହ ୩୧ଟା ଗାଁର୍ ୫୨ ହଜାର ୩ ଶହ ୬୮ଟା ୱାର୍ଡକେ ପାଇପ୍ ଜରିଏ ପିଇବାର୍ ପାଏନ୍ ଦିଆଯାଉଛେ ଆଉ ୪୦ ହଜାର ଶହେ ୯୩ଟା ୱାର୍ଡ଼କେ ପାଏନ୍ ଯୁଗାବାର୍ ବ୍ୟବସ୍ଥା କରାଯାଉଛେ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ । ୨୦୧୬ ମସିହା ତକ୍ ଖେପ୍ ଖେପ୍ କରି ରାଜ୍ୟର୍ ସବୁ ଇଲାକାକେ ସଫା ପିଇବାର୍ ପାଏନ୍ ଯୁଗାବାର୍ ବ୍ୟବସ୍ଥା କରାଯିବା ବଲି ବିଧାନସଭାନ ଆଏଜ୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍ ରଖିକରି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ ।

ବିଧାନ୍ସଭା- ଜଙ୍ଗଲ୍ ଜମି ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୩୦ ଟା ଜିଲ୍ଲା ନ ଗଲା ୨୦୨୦-୨୧ ନୁ ୨୦୨୪-୨୫ ଆର୍ଥିକ୍ ବଛର୍ଥି ୪୫ ହଜାର୍ ୪ ଶହ ୮୫ ଦଶ୍ମିକ୍ ୬/୮ ହେକ୍ଟର୍ ନୂଆଁ ଘନା ଜଙ୍ଗଲ୍ ବନାହେଇଛେ । ଆଏଜ୍ ବିଧାନ୍ସଭା ନ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଗୁଟେ ପ୍ରଶ୍ନର୍ ଉତର୍ଥି କହିଛନ୍ ଯେ, ଭାରତୀୟ ବନ ସର୍ବେକ୍ଷଣ୍ ସଂସ୍ଥାର୍ ନୂଆଁ ରିପୋର୍ଟ ଅନ୍ସାରେ ମୋଟ୍ ୫୨ ହଜାର୍ ୪ ଶହ ୩୩ ଦଶ୍ମିକ୍ ୫/୬ ବର୍ଗକିଲୋମିଟର୍ ଜାଗା ଜଙ୍ଗଲ୍ଥି ଭରିଛେ ।

ସର୍ବେକ୍ଷଣ୍ ସଂସ୍ଥାର ୨୦୨୧ ଆର୍ ୨୦୨୩ ରିପୋର୍ଟକେ ଦେଖ୍ଲେ ରାଏଜେ ଶହେ ୫୧ ଦଶ୍ମିକ୍ ୮/୯ ବର୍ଗ କିଲୋମିଟର୍ ଜଙ୍ଗଲ୍ ଜମି ବଢ଼ିଛେ । ସେନ୍ତା ରାଏଜେ ୨୪ ହଜାର୍ ଶହେ ୪୩ ଦଶ୍ମିକ୍ ୫/ ୯ ବର୍ଗ କିଲୋମିଟର୍ ଖୁଲା ଜଙ୍ଗଲ୍ ରହିଥିବାର୍ ମନ୍ତ୍ରୀ ସୂଚ୍ନା ଦେଇଛନ୍ ।

ହାତୀ ଗନ୍ତି- ବିଧାନ୍ସଭା ଭୁବ୍ନେଶ୍ୱର୍ ସମ୍ବାଦଦାତା

୨୦୨୪ ମସିହା ନଭେମ୍ବର ମାସର୍ ଗନ୍ତି ହିସାବେ ରାଏଜେ ୨ ହଜାର ଶହେ ୩ଟା ହାତୀ ଅଛନ୍ ବଲି ଜଙ୍ଗଲ ଆର୍ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଂଟିଆ କହିଛନ୍ । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କର୍ ଗୁଟେ ପ୍ରଶ୍ନର ଉତର ଥି ଆଏଜ୍ ବିଧାନସଭାନ ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଭିନ୍ ଭିନ୍ କାରଣ୍ନୁ ରାଏଜେ ଫଁ ବଛର୍ ପାଖାପାଖି ୮୧ଟା ଲେଖା ହାତୀଙ୍କର ଜୀବନ ଯାଉଛେ ।

ଭୂ-ସ୍ଥାନିକ ନକ୍ସା ସର୍ବେକ୍ଷଣ ସମ୍ବାଦଦାତା

ଭାରତୀୟ ସର୍ବେକ୍ଷଣ୍ ସଂସ୍ଥା ତରଫୁ ଆଏଜ୍ ଠାନୁ ଦେଶର୍ ଶହେ ୫୨ ଟା ସହର୍ ନ ସହରାଂଚଲ୍ ଜାତୀୟ ଭୂ-ସ୍ଥାନିକ ନକ୍ସା

ସର୍ବେକ୍ଷଣ ମୁଲ୍ ହେଇଛେ । ସର୍ଭେଥି ଓଡ଼ିଶାର୍ ୪ ଟା ସହର୍ ଝାର୍ସୁଗୁଡ଼ା, ଖୋର୍ଦ୍ଧା, ଜଟଣୀ ଆର୍ ବାରିପଦା ଠାନ୍ ପାଇଛେ । କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବ୍ରାଜ୍ ସିଂ ଚୌହାନ୍ ମଧ୍ୟପ୍ରଦେଶ୍ ଠାନେ କାର୍ଯ୍ୟକ୍ରମ୍ ଶୁଭାରମ୍ଭ କରିଥିଲା ବେଲ୍କେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଖୋର୍ଦ୍ଧା ନ ଇତାର୍ ଶୁଭାରମ୍ଭ କରିଛନ୍ । ଇ ସର୍ବେକ୍ଷଣ୍ର ତଥ୍ୟ ଜରିଏ ସହରାଂଚଲର୍ ଭୂମି ତଥ୍ୟ ଡିଜିଟାଲ୍ ପୋର୍ଟାଲ୍ ମାନ୍କେ ରଖାଯିବା ଆର୍ ନିୟମିତ ଭାବେ ଅପ୍ଡେଟ୍ କରାଯିବା । ସେନ୍ତା ଇ ବ୍ୟବସ୍ଥା ଜମି ବିବାଦ୍ର ସମାଧାନ୍ କର୍ବାର୍ ସହେତେ ଟିକସ୍ ଆଦାୟ କର୍ବାର୍ଥି ଭିଲ୍ ସାହାଜ୍ କର୍ବା ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୩ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା ।

ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଯୁକ୍ତ ଦୁଇ ପରୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଆଏଜ୍‌ଠାନୁ ମୁଳ୍ ହେଇଛେ । ପରୀକ୍ଷା ସଖାଲର୍ ୧୦ ବଜେନୁ ମୁଳ୍ ହେଇକରି ୧ ବଜେତକ୍ ହେଇଥିଲା । ଇ ବଛର୍ ୧ ହଜାର୍ ୨ ଶହ ୭୬ ଟା କେନ୍ଦ୍ର ନ ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ । ପହେଲାଥର୍ ଲାଗି କଳା, ବାଣିଜ୍ୟ, ବିଜ୍ଞାନ୍ ଆର୍ ଧନ୍ଦାମୂଳକ୍ ପରୀକ୍ଷାକେ ଗୁଟେ ସମିଆଥି କରାଯାଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୁକ୍ତ ଦୁଇ ପରୀକ୍ଷାର୍ଥୀମାନ୍‌କର୍ ଉଜ୍ଜ୍ୱଲ୍ ଭବିଷ୍ୟତ୍ କାମନା କର୍‌ବାର୍ ସହେତେ ଚାପମୁକ୍ତ ହେଇକରି ପରୀକ୍ଷା ଦେବାର୍ ଲାଗି ପରାମର୍ଶ ଦେଇଛନ୍ ।

ବୌଦ୍ଧ- ଯୁକ୍ତ ଦୁଇ ପରୀକ୍ଷା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଯୁକ୍ତ ଦୁଇ ବିଜ୍ଞାନ୍ ପରୀକ୍ଷା ସୁରକ୍ଷା ବ୍ୟବସ୍ଥା ଭିତ୍ରେ ମୁଲ୍ ହେଇଛେ । ଜିଲ୍ଲାର୍ ୨ ଟା ପରୀକ୍ଷା କେନ୍ଦ୍ର କଂଟାମାଲ୍ ଆର୍ ବୌଦ୍ଧ ନ କରାଯାଇଛେ । ଯୁକ୍ତ ଦୁଇ ପରୀକ୍ଷାକେ ନଜର୍ଥି ରଖିକରି କଲେଜ୍ ଚାର୍‌ହିଆଡ଼େ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ବୁଲିକରି ତଦାରଖ୍ କରିଛନ୍ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ଫଗୁନ୍ ମାସର୍ କୃଷ୍ଣପକ୍ଷ ଷଷ୍ଠୀ ତିଥି ନ ଆଏବା କାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେବା । ୨ ନମ୍ବର୍ ଭୋଗମଣ୍ଡପ୍ ଭୋଗନୀତି ସର୍‌ବାର୍ ଉତ୍‌ରୁ ଇ ଗୁପ୍ତନୀତି କରାଯିବା । ଉପର୍‌ବେଲା ୫ ବଜେନୁ ରାତିର୍ ୧୦ ବଜେତକ୍ ସାଧାରଣ୍ ଲୁକ୍‌କର୍ ଲାଗି ଦର୍ଶନ୍ ବନ୍ଦ୍ ରହେବା । ବନକଲାଗି ନୀତି ହେଉଥିବାର୍‌ନୁ ଆଏବାକାଏଲ୍ ଆର୍ ପର୍‌ଦିନ ରତ୍ନଭଣ୍ଡାର୍ ମରାମତି କାମ୍ ଭିଲ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

## ସଚେତନ୍ତା ରେଲି -ଜଙ୍ଗଲ୍ ନିଆଁ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଖରାଦିନେ ଜଙ୍ଗଲ୍ ନ ଲାଗୁଥିବା ଜୁଏ ଆର୍ ତାର୍ ପ୍ରଭାବ୍‌ଥି ଜଲ୍‌ବାୟୁ ପରିବର୍ତନ୍‌କେ ରୁକ୍‌ବାର୍ ଲାଗି ଗୁଟେ ସଚେତନ୍ତା ରେଲି ହେଇଯାଇଛେ । ଇଥି ଦେବ୍‌ଗଡ଼୍ ମହାବିଦ୍ୟାଳୟର୍ ଛାତ୍ରୀମାନେ ଯୋଗ୍ ଦେଇଥିଲେ । ଇତାର୍‌ସହେତେ ମହାବିଦ୍ୟାଳୟ ନ ଗୁଟେ ରକ୍ତଦାନ୍ ଶିବିର୍ ଭିଲ୍ ହେଇଯାଇଛେ । ମହାବିଦ୍ୟାଳୟର୍ ଯୁବ ରେଡ଼୍‌କ୍ରସ୍ ସଂସ୍ଥା ଆର୍ ଦେବ୍‌ଗଡ଼୍ ମୁଖ୍ୟ ଚିକିତ୍ସାଳୟର୍ ମିଲିତ୍ ସହଯୋଗ୍‌ଥି ହେଇଥିବା ରକ୍ତଦାନ୍ ଶିବିର୍ ନ ୪୧ ୟୁନିଟ୍ ରକ୍ତ ଠୋଲ୍ କରାଯାଇଛେ ।

## ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ୍       ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ଛାତ୍ରୀ ଆତ୍ମସୁରକ୍ଷା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମହାବିଦ୍ୟାଳୟର୍ ଅଧ୍ୟକ୍ଷ ତାଲିମ୍ ନେଉଥିବା ଛାତ୍ରୀମାନ୍‌କୁ ଇ ତାଲିମ୍‌କେ ନିଜର୍ ଇଲାକା ନ ଅଲ୍‌ଗାମାନ୍‌କୁ ଶିଖାବାର୍ ଲାଗି ପରାମର୍ଶ ଦେଇଥିଲେ । ସଭାଥି ତାଲିମ୍ ପାଇଥିବା ଛାତ୍ରୀମାନ୍‌କୁ ସାର୍ଟିଫିକେଟ୍ ଦିଆଯାଇଥିଲା ।

ନୂଆପଡ଼ା-ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେଇଯାଇଛେ । ଇ ଶିବିର୍‌କେ ନୂଆପଡ଼ା ଜିଲ୍ଲା ବହୁତ୍ ବିଶେଷଜ୍ଞ ଡାକ୍ତର୍ ଆସିକରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାର୍ ବେଲେ ଭିନ୍ନକ୍ଷମ ପ୍ରମାଣ୍‌ପତ୍ର ଦେଇଛନ୍ । ଜିଲ୍ଲା ସାମାଜିକ୍ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ୍ ଆଏବା ଦିନେ ଭିନ୍ନକ୍ଷମ ପ୍ରମାଣ୍‌ପତ୍ର ପାଏବାର୍‌ନୁ କେହିଭିଲ୍ ବଂଚିତ୍ ନାଇଁ ରହନ୍ ବଲି କହିଛନ୍ ।

ଅନ୍ତଃଜିଲ୍ଲା ଯୁବ ଆଦାନ୍‌ପ୍ରଦାନ୍ କାର୍ଯ୍ୟକ୍ରମ୍/କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ସମ୍ପ୍ରସାରଣ୍ ପ୍ରଶିକ୍ଷଣ୍ କେନ୍ଦ୍ର ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଲୟର୍ ନେହେରୁ ଯୁବକେନ୍ଦ୍ର ତର୍‌ଫୁ ଅନ୍ତଃଜିଲ୍ଲା ଯୁବ ଆଦାନ୍‌ପ୍ରଦାନ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇଥି କଟକ୍ ଜିଲ୍ଲା ନୁ ୨୭ ଝନ୍ ପ୍ରତିଭାଗୀ ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥିମାନେ କଲାହାଣ୍ଡି ଜିଲ୍ଲାର୍ କଲା ଆର୍ ସଂସ୍କୃତି ପରମ୍ପରା, ଖେଲ୍ ଆଉ ଦର୍ଶନୀୟ ସ୍ଥାନ୍ ମାନ୍‌କର୍ ବାବ୍‌ଦେ କହେବାର୍ ସହେତେ ଯୁବ ଆଦାନ୍‌ପ୍ରଦାନ୍ କାର୍ଯ୍ୟକ୍ରମ୍

ଜରିଏ ଇ ସବୁର ପ୍ରଚାର୍ ପ୍ରସାର୍ ହେଇପାରୁଛେ ବଲି ମତ ଦେଇଛନ୍ । ଇ କାର୍ଯ୍ୟକ୍ରମ୍ ଇ ମାସ ୨୨ ତାରିଖ୍‌ଥି ଉଦ୍‌ଯାପିତ୍ ହେବା ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ଆଏଜ୍ ୪ ନମ୍ବର୍ ଦିନେ ନୂଆପଡ଼ା ଦଲ୍ ଜିତିଛେ । ନୂଆପଡ଼ା ଆର୍ ବଲାଙ୍ଗିର୍ ଭିତ୍‌ରେ ହେଇଥିବା ମେଚ୍‌ଥି ନୂଆପଡ଼ା ଦଲ୍ - ବଲାଙ୍ଗିର୍‌କେ ଟାଇବ୍ରେକର୍ ୪-୩ ଗୋଲ୍‌ଥି ହରେଇଛେ ।
ଆଏବା କାଏଲ୍ ସୁବର୍ଣ୍ଣପୁର୍ ଆର୍ କୋରାପୁଟ୍ ଜିଲ୍ଲା ଭିତ୍‌ରେ ମେଚ ହେବା ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଲିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ଥି ଆଏଜ୍ ୩ ମେଚ୍ ଖେଲାଯାଉଛେ । ଆଏଜ୍

ବେଲ୍‌ବୁଢ଼େ ଭାରତ୍- ସ୍ପେନ୍ ଭିତ୍‌ରେ ହେଇଥିବା ମହିଲା ବର୍ଗର୍ ମେଚ୍‌ଥି ସ୍ପେନ୍ ୪-୩ ଗୋଲ୍ ଦେଇକରି ଭାରତ୍‌କେ ହରେଇଛେ । ତାର୍ ଆଘୋନୁ ପୁରୁଷ ବର୍ଗଥି ହେଇଥିବା ମେଚ୍‌ଥି ଇଂଲଣ୍ଡ ୧- ଶୂନ୍ ଗୋଲ୍ ଦେଇକରି ସ୍ପେନ୍‌କେ ହରେଇଛେ । ଆଉ କିଛି ସମିଆ ଉତ୍‌ରୁ ୩ ନମ୍ବର୍ ମେଚ୍ ଭାରତ୍ ଆଉ ଜର୍ମାନୀ ଭିତ୍‌ରେ ପୁରୁଷ ବର୍ଗଥି ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ଠାନୁ ୫ ଦିନ୍‌ତକ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ । ପର୍‌ଦିନୁ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।